ପ୍ରେସ୍‌ନୋଟ୍

## ଓରମାସ ଦ୍ୱାରା ଆମ୍ବ ବଜାର ସୃଷ୍ଟି ।

ଅନୁଗୋଳ,ତା.୧୧.୦୫: - ଗତ ଅପ୍ରେଲ ମାସ ୨୫ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଓରମାସ ଦ୍ୱାରା ଆୟୋଜିତ ଆମ୍ବ ବଜାର ପାଇଁ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ସିଧାସଳଖ ଆମ୍ବ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ଆମ୍ବର କ୍ରୟ ବିକ୍ରୟ ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ ଉପଭୋକ୍ତାଙ୍କ ନିକଟରେ ଏହି ବ୍ୟବସାୟିକ ଯୋଜନାରେ ଲାଭ ପହଞ୍ଚାଇବା ପାଇଁ ବଜାର ସୃଷ୍ଟି ଏହାର ମୁଳ ଉଦ୍ଦେଶ୍ୟ । ଏହି ଆମ୍ବ ବଜାର ଚଳିତ ମାସ ୧୫ ତାରିଖ ଠାରୁ ଆରମ୍ଭ ହୋଇ ଜୁନ୍ ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଚଳିତ ମାସ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏ ଏଫ୍ ପି ସି ଏଲ୍ ଓ ଏଫ୍ ଈ ଏସ୍ ସହାୟତାରେ ୨ଟି Canopy ଷ୍ଟଲ ଜିଲ୍ଲା କାର୍ଯ୍ୟାଳୟ ଫାଟକ ଏବଂ ମିଶ୍ରପଡା ଛକ ଠାରେ , ଚଳିତ ୨୬ ତାରିଖରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଏଫ୍ ଈ ଏସ , ଭି ୱାଇ କେ ଏବଂ ଜେ ଏସ୍ ପି ଏଲ୍ ସଂସ୍ଥାମାନଙ୍କ ସହାୟତାରେ ୩ଟି ମୋବାଇଲ ଭ୍ୟାନ ମାଧ୍ୟମରେ ନାଲ୍‌କୋ, ଜେ ଏସ୍ ପି ଏଲ୍, ଟି ଟି ପି ଏସ୍ , ଏମ୍ ସି ଏଲ୍, ଏନ୍ ଟି ପି ସି ଓ ଅନୁଗୋଳ ସହରରେ ବୁଲାଯିବାର ବ୍ୟବସ୍ଥା କରାଯିବା ସହିତ ଜୁନ୍ ୨ ତାରିଖରୁ ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ଏଫ୍ ପି ଓ/ସ୍ୱେଚ୍ଛାସେବୀ ସଂସ୍ଥା/ପି ଜି /ଚାଷୀ ମାନଙ୍କ ସହାୟତାରେ ଅନୁଗୋଳ ଷ୍ଟାଡିୟମ ନିକଟସ୍ଥ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ୧୦ ଗୋଟି ଷ୍ଟଲ ବିଶିଷ୍ଟ ଏକ ଆମ୍ବ ପ୍ରଦର୍ଶନୀ ଓ ବିକ୍ରୟ କରାଯିବ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା- ୩୪୧ ତା.୧୧.୦୫.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କୈଳାଶ ବେହେରା 11.5.2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ